

# ଆଇଆଇଟିରେ ପୁସ୍ତକ ପ୍ରଦର୍ଶନୀ

ଜଟଣୀ, ୧୮।୮(ନି.ପ୍ର): ଜଟଣୀ ଅରଗୁଳସ୍ଥିତ ଆଇଆଇଟି କ୍ୟାମ୍ପସ୍ ପରିସରରେ ପୁସ୍ତକ ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଆଇଆଇଟି କେନ୍ଦ୍ରୀୟ ପୁସ୍ତକାଳୟ ଏହାକୁ ଆୟୋଜନ କରିଥିଲା । ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜକୁମାର ଏହାକୁ ଉଦ୍‌ଘାଟନ କରିଥିଲେ । ଆଇଆଇଟିର କେନ୍ଦ୍ରୀୟ ପୁସ୍ତକାଳୟର ଅଧ୍ୟକ୍ଷ ଡ. ରାଜେଶ ରୋଶନ ଦାସ, ଡେପୁଟି ଲାଇବ୍ରେରିଆନ୍ ଡ.ବିଭୂତି ଭୂଷଣ ସାହୁ ଏବଂ ରେଜିଷ୍ଟ୍ରାର ଦେବରାଜ ରଥ, ଡ. ରାଜନ ଝା, ଡ. ଅରିନ୍ଦମ ସରକାର, ଡ. ସୁମନ୍ତ ହାଲଦାର, ଡ. ମନସ୍ୱିନୀ ବେହେରା ଯୋଗ ଦେଇଥିଲେ । ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ପୁସ୍ତକ ବିକ୍ରେତା, ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ପ୍ରକାଶକ ଭାଗ ନେଇଛନ୍ତି । ମୋଟ ୩୧ଟି ପୁସ୍ତକ ଷ୍ଟଲ୍ ଖୋଲାଯାଇଛି । ୧ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରଦର୍ଶନ କରାଯାଇଛି । ଏଥିରେ ବିଶେଷତଃ ବିଜ୍ଞାନ, ଯାନ୍ତ୍ରିକ, ପ୍ରାଦ୍ୟୋଗିକ, ସମାଜ ବିଜ୍ଞାନ ଓ ମ୍ୟାନେଜମେଣ୍ଟ ପୁସ୍ତକ ରହିଛି । ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହିବ । ଆଇଆଇଟି ଏବଂ ଆଖପାଖ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଉପକୃତ ହେବେ ବୋଲି ଆଇଆଇଟିର କୁଳ ସଚିବ ଶ୍ରୀ ରଥ ସୂଚନା ଦେଇଛନ୍ତି ।